DOI : https://doi.org/10.5281/zenodo.15674229

ମୂଳ ପ୍ରବନ୍ଧ

# କଳାହାଣ୍ଡିର ହଳିଆ ଗୀତ

ଅଭିଷେକ ଆଚାର୍ଯ୍ୟ

**ସଂକ୍ଷିପ୍ତସାର :**

କଳାହାଣ୍ଡିର ଲୋକସଂସ୍କୃତି ହେଉଛି ଏକ ନିଆରା ସଂସ୍କୃତି ଯାହା ଆଜିକାଲି ସଂସ୍କୃତ ଏବଂ ବ୍ରାହ୍ମଣ, କ୍ଷତ୍ରିୟ ସଂସ୍କୃତିର ମିଶ୍ରଣରେଏକ ମହାଜାଗତିକ ସଂସ୍କୃତି ଭାବରେ ନିଜକୁ ଏକ ଆର୍ଯ୍ୟ ଓ ଅନାର୍ଯ୍ୟ ମାନଙ୍କର ଏକ ମିଶ୍ରିତ କରିଛି । କଳାହାଣ୍ଡି ଅଞ୍ଚଳରେ ମୁଖ୍ୟତଃ କୃଷିକାର୍ଯ୍ୟ ହେଉଛି ମୁଖ୍ୟ କାର୍ଯ୍ୟ । ଏହି କୃଷି କାର୍ଯ୍ୟ ହେଉଛି ସେମାନଙ୍କର ବୃତ୍ତି । ଏହି କୃଷିକାର୍ଯ୍ୟ କରୁଥିବା ସମୟରେ ଜଣେ ହଳିଆ ପିଲା ତା'ର ମନର ଦୁଃଖ ଏବଂ ଛାତିର କୋହ ଠାରୁ ଆରମ୍ଭ କରି ସମାଜରେ ଘଟିଯାଉଥିବା ବିଭିନ୍ନ ଘଟଣା ଏବଂ ରାମାୟଣ, ମହାଭାରତର କଥାବସ୍ତୁକୁ ନିଜର ଉପାଦାନ ଭାବରେ ବ୍ୟବହାର କରି କିପରି ସୁନ୍ଦର ସୁନ୍ଦର ଗୀତ ନିଜର ମନ ଭିତରେ ପ୍ରସ୍ତୁତ କରିପାରେ ଯାହାକୁ ଆମେ ହଳିଆ ଗୀତ ବୋଲି କହିଥାଉ ଏବଂ ସେହି ଗୀତରେ ଗ୍ରାମର ଅନେକ ଯାନିଯାତ୍ରା ପର୍ବପର୍ବାଣୀ ମଧ୍ୟ ଜାଣି ହେଉଥାଏ ।

**ପ୍ରମୁଖ ଶବ୍ଦାବଳୀ :**

ପଲ୍‌ହାରୁଆ, ରୁଇଯିମା, ଜୁଲି ଜୁଲି, ଲୁଇଁ ଲୁଇଁ, ଫାନ୍ଦେ, ଆଡ଼ମଇ, ଖର୍ଡ଼ି, ଭୂତି, ହିଟିପଡ଼ି, ଖ୍ୱର

ବିଭିନ୍ନ ସ୍ଥାନ ତଥା ଭୌଗଳିକ ସମାଭେଦରେ ଲୋକ ସଂସ୍କୃତିରେ ସଭ୍ୟତା ଓ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ କଳାହାଣ୍ଡିର ଲୋକସଂସ୍କୃତି କଥା ଆଲୋଚନା କଲେ ଏହା ସ୍ୱତଃ ଜଣା ପଡ଼ିଥାଏ ଏଠାକାର ସଂସ୍କୃତି ଖୁବ୍ ସମୃଦ୍ଧ । ଯାହାକି ଆଦିମକାଳରୁ ପ୍ରଚଳିତ ପାରମ୍ପରିକ ବିଶ୍ୱାସ, ପ୍ରଥା, ଗୀତ, କାବ୍ୟ, କାହାଣୀ ମଧ୍ୟଦେଇ ଏଠାକାର ସାମାଜିକ ଓ ସାଂସ୍କୃତିକ ଜୀବନବୋଧ ଓ ଐତିହ୍ୟ ପ୍ରକାଶ ପାଇଛି । ଏହି ଅଞ୍ଚଳରେ ପ୍ରଚଳିତ ଡାଲଖାଇ, ରସରକେଲି, ସଜନି, ମାଏଲାଜଡ଼, ବୋରିଆ, ଛଡ଼ରସ, ହଳିଆଗୀତ, ବିବାହ କାନ୍ଦଣା ଗୀତ ଆଦି ଜନସମାଜ ଓ ହୃଦୟକୁ ସ୍ପର୍ଶ କରିଥାଏ । ବିବାହ, ବ୍ରତଘର ଶିକାର ବଣଭୋଜି, ମୃତ୍ୟୁସମୟ, କୃଷିକାର୍ଯ୍ୟ, ଖେଳିବା ସମୟ ତଥା ଅବସର ବିନୋଦ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟରୁ ଲୋକଗୀତ ଆତ୍ମପ୍ରକାଶ କରିଛି । ଯୁଗଯୁଗ ଧରି ଅନେକ ଲୋକଗୀତ ଏଠାକାର ଲୋକଙ୍କ ମୁଖରେ ପ୍ରଚଳିତ ହୋଇଆସୁଛି । ଅଙ୍ଗେ ନିଭାଇଥିବା ଜୀବନର ସ୍ମୃତି, ଅନୁଭୂତି ଓ ଘଟଣାବଳୀକୁ ଉପଲକ୍ଷ କରି ଏହି ଗୀତ ସବୁ ସ୍ୱତଃସ୍ଫୁର୍ତ ହୋଇଛି ଯାହାର କି କାବ୍ୟିକ ମାଧୁର୍ଯ୍ୟ ଓ ଭାବମୟ ଗାମ୍ଭୀର୍ଯ୍ୟ ତୁଳନା ନାହିଁ ।

କଳାହାଣ୍ଡି ଏକ ଗ୍ରାମ ବହୁଳ ଅଞ୍ଚଳ । ଆଧୁନିକ ସଭ୍ୟତାର ସ୍ପର୍ଶରେ କିଛିଟା ବିକାଶଲାଭ କରିଥିଲେ ହେଁ ସାମଗ୍ରିକ ଭାବରେ କଳାହାଣ୍ଡିର ଲୋକଚରିତ୍ରର ବିଶେଷ କିଛି ପରିବର୍ତ୍ତନ ଏଠାରେ ପରିଲକ୍ଷିତ ହୁଏ ନାହିଁ । କୃଷି ହିଁ ଏ ଅଞ୍ଚଳର ମୁଖ୍ୟ ଜୀବିକା । ତେଣୁ ଏଠାକାର ଲୋକସଂସ୍କୃତି ମଧ୍ୟ ପାରମ୍ପରିକ ଓ କୃଷିଭିତ୍ତିକ । ଅବଶ୍ୟ

**ଯୋଗାଯୋଗ :**
**ଅଭିଷେକ ଆଚାର୍ଯ୍ୟ,** ଗବେଷକ (ଓଡ଼ିଆ ବିଭାଗ)
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email:** : abhisekacharya8249@gmail.com
**ORCID ID:** https://orcid.org/0009-0003-2665-4846

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : **ଆଚାର୍ଯ୍ୟ,** ଅଭିଷେକ; ୨୦୨୫। କଳାହାଣ୍ଡିର ହଳିଆ ଗୀତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୨୩-୨୫।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15674229

Article No - BPP00305

ଏକଥା ସ୍ୱୀକାର୍ଯ୍ୟ ଯେ ଏକ ଆଧୁନିକ ସଭ୍ୟତାର ପ୍ରଭାବ ଧୀରେ ଧୀରେ ପ୍ରସାରିତ ହେଉଛି । ମାତ୍ର ଆଞ୍ଚଳିକ ଭାଷା, ଚାଲିଚଳନ ତଥା ସଂସ୍କୃତିକୁ ବଞ୍ଚେଇ ରଖିଥିବାର ସଂଘର୍ଷ ମଧ୍ୟ ଠିକ୍ ସେହି ପରିମାଣରେ ବଢ଼ିଚାଲିଛି । କଳାହାଣ୍ଡିର କନ୍ଧ, କୋଲ, କେଉଁଟ, ଶବର, ଡମ୍ବ, ଗଣ୍ଡ, କୁଡ଼ା ଆଦି ଆଦିବାସୀଙ୍କ ଅଧ୍ୟୁଷିତ ହେଲେ ହେଁ ବ୍ରାହ୍ମଣ, ବୈଶ୍ୟ ଆଦି ଉଚ୍ଚ ଜାତିର ବସତିର ସମ୍ପର୍କରେ ଆସି ଏକ ଆର୍ଯ୍ୟ-ଅନାର୍ଯ୍ୟର ମିଳନସ୍ଥଳ ରୂପେ ପ୍ରତିଷ୍ଠିତ ହୋଇଛି ।

କୃଷି ହିଁ ମୁଖ୍ୟ ବୃତ୍ତି ହୋଇଥିବାରୁ ଏଠାକାର ସାମାଜିକ ଜୀବନ ମଧ୍ୟ କୃଷିଭିତ୍ତିକ । କୃଷି କାର୍ଯ୍ୟର ପ୍ରତିଟି ପର୍ଯ୍ୟାୟ ଗ୍ରାମୀଣ ଲୋକମାନଙ୍କ ଜୀବନର କାର୍ଯ୍ୟନିର୍ଘଣ୍ଟ ନିରୂପଣ କରିଥାଏ । କୃଷି ହିଁ ପଲ୍ଲୀବାସୀଙ୍କୁ କର୍ମତତ୍ପର କରି ରଖେ । ଏହି ଅଞ୍ଚଳର ମୁଖ୍ୟ ପର୍ବପର୍ବାଣୀ ମଧ୍ୟ କୃଷି ଉପରେ ଆଧାରିତ । ଚାଷୀମାନେ କୃଷିକାର୍ଯ୍ୟ ସହିତ ସଂଶ୍ଳିଷ୍ଟ ବିଭିନ୍ନ ପର୍ଯ୍ୟାୟରେ ବର୍ଷର ଅଧିକାଂଶ ସମୟରେ ନିଜକୁ ନିୟୋଜିତ କରିଥାଆନ୍ତି । ଏହି ବିଭିନ୍ନ ପର୍ଯ୍ୟାୟରେ କୃଷକ ନିଜର ଶ୍ରମଲାଘବ ନିମିତ୍ତ ଗୀତ ଗାଇଥାଏ । ଶ୍ରମଭିତ୍ତିକ ଲୋକଗୀତ ମଧ୍ୟରେ କୃଷି ଗୀତ, ଶଗଡ଼ିଆ ଗୀତ, ପତ୍ରତୋଳା ଗୀତ ଆଦି ବହୁ ପ୍ରଚଳିତ । ଏହି ଗୀତଗୁଡ଼ିକରେ ଲୋକ ସମାଜର ସ୍ୱରୂପ ସ୍ପଷ୍ଟ ପ୍ରତିବିମ୍ବିତ ହୋଇଥାଏ । 'ପଲ୍‌ହାରୁଆ' କୃଷି କାର୍ଯ୍ୟର ଏକ ମୁଖ୍ୟ ଅଙ୍ଗ । ହଳିଆ ମାଟିକୁ କାଦୁଅ କର, ସ୍ତ୍ରୀ ଲୋକମାନେ ଧାଡ଼ିବାନ୍ଧି ଅଣ୍ଟା ନୁଆଇ ପଲ୍ଲାରୁଆ କରିଥାଆନ୍ତି । ଏହି ସମୟରେ ହଳିଆ ଓ ପଲ୍ଲାରୋପଣ କରୁଥିବା ଲୋକମାନଙ୍କ ମଧ୍ୟରେ ଟାହିଟାପରା ଲାଗେ । ଅଦୂରରେ ଅନ୍ୟ ଏକ କ୍ଷେତରେ ମଧ୍ୟ ଠିକ୍ ସେମିତି ଦୃଶ୍ୟ ଦେଖିବାକୁ ମିଳେ । ଏହି ଅବସରରେ ହଳିଆର ମନମତାଣିଆ ଗୀତ ସାଙ୍ଗକୁ ସ୍ତ୍ରୀ ଲୋକମାନଙ୍କର ହୁଳହୁଳି ଶବ୍ଦ ପରିବେଶକୁ ଉତ୍‌ଫୁଲ୍ଲିତ କରି ରଖିବା ସଙ୍ଗେ ସଙ୍ଗେ ପଲ୍ଲାରୋଇବା କାର୍ଯ୍ୟରେ କ୍ଷୀପ୍ରତା ଆଣିଦିଏ ।

ବଏଲାରେ  
ବଢ଼େ ସଖାଲୁ ଉଠି ଦେଖୁଲେ ପଧାନ ଘରର ବୁଢ଼ା  
ପଲ୍ଲା ରୁଇଯିବା କାଁଗୋ  
ହେଇ ରୁଇଗଲେ ସଂଗ ଜୁଲି ଜୁଲି ହେଇ  
ସେ ଲୁଇଁ ଲୁଇଁ ଏବେ ଧାନ ଯେ ରୁଇବା  
ହଁସିତ ଖେଲି ଖେଲି ହୋ...

ରାମାୟଣରେ ବର୍ଣ୍ଣିତ ଜନକ ରାଜାଙ୍କ କନ୍ୟା ସୀତାଙ୍କ ଜନ୍ମଭୂମିରୁ । ତେଣୁ ଆଧ୍ୟାତ୍ମିକ ଭାବନାରେ ଗାନ କରାଯାଉଥିବା ହଳିଆ ଗୀତଗୁଡ଼ିକରେ ରାମ ପ୍ରସଙ୍ଗରେ ବାହୁଲ୍ୟ ଦେଖା ଯାଇଥାଏ । ରାମାୟଣର ଅନେକ ଦୃଶ୍ୟକୁ ହଳିଆ ତା'ର ନିଜ ବୁଦ୍ଧିବଳ ଖଟେଇ ପାରୁ ପର୍ଯ୍ୟନ୍ତ ସ୍ମୃତି ପୃଷ୍ଠକୁ ଆଣି ଗୀତଯୋଡ଼ି ଗାଇଥାଏ । କେତେବେଳେ ରାମାୟଣ ବର୍ଣ୍ଣିତ ରାମ, ଲକ୍ଷ୍ମଣ, ଭରତ ଆଦି ଚରିତ୍ରମାନ ଜୀବନ୍ତ ମଣିଷ ଭାବରେ କ୍ଷେତରେ ହଳିଆ ସହ ଖଟିଥାନ୍ତି । କେତେବେଳେ ପୁଣି ସେମାନେ ପୂଜ୍ୟଦେବତା ପାଲଟି ଯାଆନ୍ତି ।

ବଏଲାରେ  
ରାମ, ଲଇଖନ ଯେ ଦୁଇଗୋଟି ଭାଇ  
କେ ଫାନ୍ଦେ ଲଙ୍ଗଲରେ କେ ଫାନ୍ଦେ ଆଡ଼ମଇ  
ପଲହା ପରଶିବୁ ଭାଇରେ ଭରତ  
ଭରତ ଯେ, ଗୁଇବେ ସତ୍ୟାମାଇଁ ହୋ...

ଏହି ପଦଟିରେ ରାମ, ଲକ୍ଷ୍ମଣ, ଭରତ ଏବଂ ସୀତା ଗୋଟିଏ ଚାଷୀ ପରିବାରର ଜଣେ ଜଣେ ସଦସ୍ୟ ଭାବରେ ଚିତ୍ରିତ । ଧାନ ରୋଇବା କାର୍ଯ୍ୟରେ ପରିବାରର ସମସ୍ତେ ଯେପରି କାର୍ଯ୍ୟବ୍ୟସ୍ତ ହୋଇପଡ଼ନ୍ତି, ରାମାୟଣର ଚରିତ୍ରମାନଙ୍କୁ ଅଲୌକିକତାରୁ ଲୌକିକ ପରିବେଶକୁ ଆଣି ହଳିଆ ନିଜର ଅତି ନିକଟ ସଂପର୍କୀୟ ଚରିତ୍ର ପରି କଳ୍ପନା କରିଛି । ଏଥିରୁ ହଳିଆର ସରଳ ଓ ନିଷ୍କପଟ ହୃଦୟର ପରିଚୟ ମିଳିଥାଏ । ରାମାୟଣ ବର୍ଣ୍ଣିତ କେତୋଟି ପ୍ରସଙ୍ଗ ଖଣ୍ଡିତାବସ୍ଥାରେ ହଳିଆ ଗୀତରେ ସ୍ଥାନିତ ହୋଇଥାଏ । ଭାଗବତ ଟୁଙ୍ଗୀରେ ରାମାୟଣ, ମହାଭାରତ ପଠନ ସମୟରେ ଅଶିକ୍ଷିତ, ନିରକ୍ଷର ହଳିଆ ଶୁଣି ଶୁଣି ଯାହା ମନେ ରଖେ ତାକୁ ହିଁ ପୁଞ୍ଜିକରି ସେ ଗାଏ-

ରାମାୟଣରେ-

ବଏଲରେ  
ଏ ପାଣି ତ ବରଷିବୁ ରେ... ଏ ନକରିବୁ ତ ଝରି  
ଘମ ଯାଇଛଟି ଯେ ମାୟାମୃଗ ମାରି ।

ଏ ମାୟାତ ମୃଗ ମାରୁ ମାରୁ ହୋ, ଗମ ପାଇଲେ ଅବସ୍ଥା  
ଦୁଆରେ ଡେରିଲେ ଧନୁକୋଦଣ୍ଡ ହଲ ଦିଅ ସୀତା  
ସୀତା ସୀତା ବୋଲି ଗମ ହୋ ଡାକିଲେ ଡାକଗୁରି  
ସୀତା ଥିଲେ ନମ କି ଦିଅନ୍ତା ରଜଣ କଲ କି ଚୁଟ୍  
ବଭଲରେ, ଗଦଣ କଲ ଚଟ୍ଟ ହୋ...

ମହାଭାରତରେ-

ବଏଲରେ  
ଶଗଡ଼ିଆ ଘହାନେ ଉଡ଼େ କାଏଁ ପଙ୍କ ଧୂଳି

ଶ୍ରୀକୃଷ୍ଣ ପରନ୍ତି ଗକା କେଡ଼େ ବୋଲି
ବାଲୁତ କାଲୁ ଶ୍ରୀକୃଷ୍ଣ ରେ ହୋଇଥିଲ ବିଭ
ଚିହ୍ନୁ ନ ପାରିଲ ଶ୍ରୀକୃଷ୍ଣ ରକା ନବଯୁବା ହୋ...

ହଳିଆ ଜଣକ ତା'ର ଗ୍ରମର ଦେବଦେବତା ମାନଙ୍କୁ କିପରି ଭାବରେ ସୁମରଣା କରିକି ତା'ର ଚାଷକାମ ସବୁ ସୁରୁଖୁରୁରେ ହେଇଯିବ, ଚାଷରେ କୌଣସି ବାଧାବିଘ୍ନ ନ ଆସିବ ସେଥିପାଇଁ ମଧ୍ୟ ପ୍ରାର୍ଥନା କରିଥାଏ ତାର ଗୀତ ମାଧ୍ୟମରେ ।

ହେ...
ହଳିଆ ଗୀତେ ମୁଇଁ ବନ୍ଦିଲି ଗ୍ରାମ ଦେବତୀକେ
ବୁଢ଼ିଆଇ ଠାକୁରାଣୀ ମାଉଲି କାଏଁ ମାଉଲି
କନ୍ଧେନ୍ ବୁଢ଼ିକେ ଗୋ
ଏ ହେ...
ଗାଇବୁ ହଳିଆ ଗୀତ ଟେକିତ ଥିବୁ ରାଗ
ସୁନୁଥିବା ଘାଟର ଖାଟର ପାନୁଡିକା ମୋର ପାନୁଡି
ଖର୍ଡ଼ି ଦେବା ଶାଗ ହୋ ଅର୍...

ଜଣେ ହଳିଆ ପାଇଁ ତା'ର ସାହୁକାର ହେଉଛି ଯମଦୂତ ସଦୃଶ କାରଣ ହଳିଆ ମାନେ ହେଲେ ଗରିବ ଶ୍ରେଣୀର ଲୋକ । ସାହୁକାର ତାଙ୍କୁ କରଜ ଦିଏ ଏବଂ ଅଧିକ ସୁଧ ନିଏ ଓ ବିନା ଖର୍ଚ୍ଚରେ ତାଙ୍କୁ ଖଟାଇଥାଏ ଯେଉଁଥିରେ ତାଙ୍କର ପରିବାର ଚଳିବା କଷ୍ଟକର ହୋଇପଡ଼େ । ସେହି କଥାକୁ ଭାବି ସେ ବିଲରେ ହଳ କରିବା ସମୟରେ ବାହୁନି ହୁଏ ।

ଏ ହେ...
ସାହୁର ଜଞ୍ଜାଳ କୁଟୁମ୍ବର ଦୁଃଖ
ସାହୁକୁ ଦେଖିଲେ ସତେ ଲାଗଇ କାଏଁ ଲାଗଇ
ଆସୁଛେ ଯମଦୂତ ହୋ ଅର୍...

ଏ ହେ...

ଖଟିଗଲି ବାରମାସ ଗାଁ ନାଇଦେଲା ଭୁତି
ନାଇ ଦେଲା ଭୁତି ସାହୁ ତ ମର୍ ସାହୁ ତ
ତାର୍ ପୁଅ ମରୁ ହିଟିପଡ଼ିରେ ଅର୍...

ବିଲରେ ବର୍ଷତମାମ୍ କୃଷିକାର୍ଯ୍ୟ ଚାଲିଥାଏ । ହଳିଆ ସକାଳୁ ଉଠି ତା'ର ନିତ୍ୟକର୍ମ ସାରି ହଳ, ନଙ୍ଗଳ, ଯୁଆଳି ଧରି ବଳଦକୁ ନେଇ ବିଲରେ ଚାଷ କରିଥାଏ । ସକାଳୁ ଆସିଲା ସମୟରେ କ'ଣ ଖାଇଥାଏ ତା'ର କିଛି ଠିକ୍‌ଠିକଣା ନଥାଏ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିବା ଯାଏଁ କଠିନ ପରିଶ୍ରମ କରେ ଏବଂ ତା'ର ବାସୀପଖାଳକୁ ଅନାଇ ବସିଥାଏ । ଯେତେବେଳେ ବାସୀପଖାଳ ଆସିବା ଡେରି ହୋଇଥାଏ ସେ ବସି ଗୀତ ଗାଇବାକୁ ଲାଗେ ।

ବଏଲାରେ...

ହଳ ଫାନ୍ଦିଗଲେ କବରା-କଷରା ହଲାଇ ମାରିଲେ ଗାଁ ଚାରହି ତରା

ଥିର ନେଇନେବୁ ବହୁ କମଲା, ତୋର ଭାଇ ଭୁକେ ମଲା ।

ଥିର ବୁହି କମଲା ଆରି ମୁଡ଼େ ଠିଆ,

ଗୀତ ଚାରିପଦ ଗା'ରେ ହଳିଆ,

କି ଗୀତ ଗାଏମି କହ କମଲାନି, ମୋର ଦିହେ ବପୁ ନାଇଁ...

ଉପରୋକ୍ତ ଆଲୋଚନାରୁ ଆମେ ଜାଣିବା ଯେ ହାଳିଆ ଲୋକଗୀତର ସ୍ରଷ୍ଟା ସାଧାରଣତଃ ଗ୍ରାମର ନିରକ୍ଷର କର୍ମଜୀବି ହୋଇଥିଲେ ହେଁ ତାହାର ଅନ୍ତର୍ନିହିତ କବି ଚେତନା, ପ୍ରେମ, ସମବେଦନା, ଈଶ୍ୱର ବିଶ୍ୱାସ ତଥା ପ୍ରକୃତି ସମ୍ବନ୍ଧୀୟ କଳାତ୍ମକ ଚିନ୍ତନ ବାସ୍ତବଧର୍ମୀ ଅଟେ ।

**ସହାୟକ ଗ୍ରନ୍ଥସୂଚୀ:**

(୧) ପଶ୍ଚିମ ଓଡ଼ିଶାର ଲୋକଗୀତ, ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା, ପ୍ରଥମ ମୁଦ୍ରଣ-୧୯୯୭

(୨) କଳାହାଣ୍ଡିର ଲୋକସଂସ୍କୃତି- ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୨ୟ ସଂସ୍କରଣ- ୨୦୨୪

(୩) ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି - ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୩ୟ ସଂସ୍କରଣ- ୨୦୨୧

(୪) ଓଡ଼ିଶାର ଲୋକନୃତ୍ୟ- ଡାକ୍ତର ଶୈଳେଶ୍ୱର ନନ୍ଦ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ପ୍ରଥମ ସଂସ୍କରଣ-୧୯୯୮

**ସାକ୍ଷାତକାର :**

ବୁଦୁ ଶବର - ଖଇରପଦର, କଳାହାଣ୍ଡି, ବୟସ-୬୩

ରଞ୍ଜିତ ମଶ୍ରା - ଖଇରପଦର, କଳାହାଣ୍ଡି, ବୟସ-୩୮

❖ ❖ ❖